## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ

# SAMS

Student Academic Management System

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ**
**୨୦୨୪ -୨୫ ଶିକ୍ଷା ବର୍ଷ ପାଇଁ ନାମଲେଖା ବିଜ୍ଞାପନ ।**

ନଂ 7640 ତାରିଖ 30-5-2024

ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ୨୦୨୪ -୨୫ ଶିକ୍ଷାବର୍ଷ ପାଇଁ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନଲାଇନ ପଦ୍ଧତିରେ ନାମ ଲେଖାଯାଉଅଛି । ଏଥିପାଇଁ ଅନଲାଇନ ମାଧ୍ୟମରେ ଆବେଦନପତ୍ର ତା ୦୧.୦୪.୨୦୨୪ ରିଖ ଠାରୁ ଗ୍ରହଣ କରାଯାଉ ଅଛି। ପ୍ରଥମ ପର୍ଯ୍ୟାୟ ନାମଲେଖାର ଆବେଦନ କରିବାର **ଶେଷ ତାରିଖ ୨୦ .୦୬.୨୦୨୪** ରଖା ଯାଇ ଅଛି।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା-୧.୦୮.୨୦୨୪ ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ / ୧୦ ଶ୍ରେଣୀ ଫେଲ ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଉପଲବ୍ଧ ଅଛି ।

ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ Login କରି ପ୍ରଥମ ପର୍ଯ୍ୟାୟ **ଶେଷ ତାରିଖ ୨୦ .୦୬ .୨୦୨୪ ପର୍ଯ୍ୟନ୍ତ** online ରେ ପଞ୍ଜୀକୃତ କରି ଆବେଦନ କରିପାରିବେ ।

ଘ) ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଅନୁସାରେ ଆବେଦନକାରୀମାନେ ସେମାନଙ୍କର ମାର୍କ ଓ ଆବଶ୍ୟକୀୟ ପ୍ରମାଣ ପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ।

ଙ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline-୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ** କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ସ୍ୱା/-
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା